ଏଫ୍.ନଂ. ୧୧-୯/୧୯୯୮-ଏଫ୍‌ସି (ପିଟି)
ଭାରତ ସରକାର
ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ
(ଏଫ୍‌ସି ବିଭାଗ)

ପରିବେଶ ଭବନ,
ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍,
ନୂଆ ଦିଲ୍ଲୀ – ୧୧୦୫୧୦.
ତାରିଖ: ୩୦.୦୭.୨୦୦୯

ପ୍ରାପ୍ତେଷୁ

ମୁଖ୍ୟ ଶାସନ ସଚିବ/ ପ୍ରଶାସକ
(ଜାମ୍ମୁ ଓ କାଶ୍ମୀର୍ ବ୍ୟତିତ ସମସ୍ତ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ)

ବିଷୟବସ୍ତୁ: ଜଙ୍ଗଲ (ସଂରକ୍ଷଣ) ଆଇନ୍, ୧୯୮୦ ମୁତାବକ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟ ନିମନ୍ତେ ବ୍ୟବହାର - ଅନୁସଚିତ ଜନଜାତି ଓ ଅନ୍ୟାନ ପାରମ୍ପାରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ରେ ଥିବା ବିଧିବ୍ୟବସ୍ଥାକୁ ସୁନିଶ୍ଚିତ କରିବା

ମହାଶୟ,

ନିର୍ଦ୍ଦେଶପ୍ରକାରେ, ଅନୁସଚିତ ଜନଜାତି ଓ ଅନ୍ୟାନ ପାରମ୍ପାରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬, ଯାହାକି ୧.୧.୨୦୦୮ରୁ ଲାଗୁ କରାଯାଇଛି, ସେ ସଂପର୍କରେ ମୁଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ଏହା ପରିଲକ୍ଷିତ ହୋଇଛି ଯେ, ଜଙ୍ଗଲ (ସଂରକ୍ଷଣ) ଆଇନ୍, ୧୯୮୦ ଅନ୍ତର୍ଗତରେ ବିଭିନ୍ନ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଯେଉଁ ପ୍ରସ୍ତାବମାନ ଆଗତ ହେଉଛି, ସେଥିରେ ଉଲ୍ଲେଖ କରାଯାଇଛି ଯେ ଜଙ୍ଗଲ ଅଧିକାର ଆଇନ୍, ୨୦୦୬ ଅଧିନରେ ଥିବା ଅଧିକାରଗୁଡ଼ିକୁ ପରେ ବନ୍ଦୋବସ୍ତ କରାଯିବ ।

ତଦନୁସାରେ, ଜଙ୍ଗଲ (ସଂରକ୍ଷଣ) ଆଇନ୍, ୧୯୮୦ ଅନ୍ତର୍ଗତରେ ଆସୁଥିବା ସମସ୍ତ ପ୍ରସ୍ତାବଗୁଡ଼ିକୁ ନିଃସର୍ତ୍ତରେ ବ୍ୟବସ୍ଥିତ କରିବାକୁ ହେଲେ, ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଗତ ଯେଉଁଠାରେ ଅଧିକାର ବନ୍ଦୋବସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି ଅବା ଚାଲୁ ରହିଛି, ସେ ସଂମ୍ପର୍କୀତ ପ୍ରମାଣପତ୍ରକୁ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ, ପ୍ରସ୍ତାବ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ । ଏଥିସହ ଜଙ୍ଗଲ ଅଧିକାର ଆଇନ୍‌ରେ ଥିବା ଅନ୍ୟାନ୍ୟ ଧାରାଗୁଡ଼ିକ ମଧ୍ୟରୁ ମୁଖ୍ୟତଃଭାବେ ଧାରା ୩(୧)(ଝ), ୩(୧)(ଢ) ଏବଂ ୪(୫) ସମ୍ପର୍କରେ ପ୍ରସ୍ତାବରେ ସୂଚିତ କରିବା ଦରକାର । ପ୍ରସ୍ତାବ ସହ ସଂଲଗ୍ନ କରିବାକୁ ଥିବା ପ୍ରମାଣର ସ୍ୱରୂପ ନିମ୍ନପ୍ରକାରେ ହେବା ବିଧେୟ:

କ. ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରମାଣୀକୃତ ପତ୍ର ପ୍ରସ୍ତାବ ସହିତ ସଂଲଗ୍ନ ହେବ, ଯେଉଁଥିରେ ଉଲ୍ଲେଖ ଥିବ ଯେ, ପ୍ରସ୍ତାବିତ ଜଙ୍ଗଲ ଜମି ଯାହାକି ଅଣ-ଜଙ୍ଗଲ କାର୍ଯ୍ୟ

ନିମନ୍ତେ ବ୍ୟବହୃତ ହେବ, ଉକ୍ତ ଜଙ୍ଗଲ ଜମି ମଧ୍ୟରେ ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଗତରେ ଅଧିକାର ଚିହ୍ନଟୀକରଣ ଓ ବନ୍ଦୋବସ୍ତ ପ୍ରକ୍ରିୟା ସମାପନ ହୋଇଯାଇଛି । ଉକ୍ତ ପତ୍ର ସହ ଅଧିକାର ଚିହ୍ନଟ ଓ ବନ୍ଦୋବସ୍ତ ପ୍ରକ୍ରିୟା ନିମନ୍ତେ ଅନୁଷ୍ଠିତ ହୋଇଥିବା ସମସ୍ତ ବୈଠକର ନଥି ମଧ୍ୟ ସଂଯୁକ୍ତ ହେବ ।

ଖ. ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରମାଣୀକୃତ ପତ୍ର, ଯେଉଁଥିରେ ଉଲ୍ଲେଖ ଥିବ ଯେ, ପ୍ରସ୍ତାବିତ ଜଙ୍ଗଲ ଜମି ଯାହାକି ଅଣ-ଜଙ୍ଗଲ କାର୍ଯ୍ୟ ନିମନ୍ତେ ବ୍ୟବହୃତ ହେବ, ଉକ୍ତ ପ୍ରସ୍ତାବିତ ପ୍ରକଳ୍ପର ସଂପୂର୍ଣ୍ଣ ବିବରଣୀ ଓ ତାହାର ପ୍ରଭାବ ସଂପର୍କରେ ସ୍ଥାନୀୟ ଭାଷାରେ ଭାଷାନ୍ତର କରାଯାଇ ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଗତରେ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ ବନବାସୀମାନଙ୍କ ଗ୍ରାମସଭା ସମ୍ମୁଖରେ ଉପସ୍ଥାପନ କରାଯାଇଛି ।

ଗ. ପ୍ରତ୍ୟେକ ଗ୍ରାମସଭା ନିକଟରୁ ପତ୍ର, ଯେଉଁଥିରେ ଦର୍ଶାଯାଇଥିବ ଯେ, ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଗତ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ଔପଚାରିକତା ସମ୍ପନ୍ନ ହୋଇଛି, ପ୍ରସ୍ତାବିତ ଜମି ପରିବର୍ତ୍ତନର କାରଣ ସଂପର୍କରେ ସବିଶେଷ ଜାଣିଛନ୍ତି ଓ ବୁଝିଛନ୍ତି ଏବଂ ପ୍ରସ୍ତାବିତ ପରିବର୍ତ୍ତନ ନିମନ୍ତେ ସହମତି ପ୍ରକାଶ କରୁଛନ୍ତି ।

ଘ. ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରମାଣୀକୃତ ପତ୍ର, ଯେଉଁଥିରେ ଉଲ୍ଲେଖ ଥିବ ଯେ, ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୩(୨)ରେ ପ୍ରଦତ୍ତ ସରକାରଙ୍କ ଦ୍ୱାରା ପରିଚାଳିତ ସୁବିଧାସୁଯୋଗ ନିମନ୍ତେ ଆବଶ୍ୟକ ଥିବା ଜଙ୍ଗଲ ଜମିର ପରିବର୍ତ୍ତନ ପ୍ରକ୍ରିୟା ସମ୍ପନ୍ନ ହୋଇଛି ଓ ଗ୍ରାମସଭା ଏଥିନିମନ୍ତେ ସହମତି ପ୍ରଦାନ କରିଛି ।

ଙ. ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରମାଣୀକୃତ ପତ୍ର, ଯେଉଁଥିରେ ଉଲ୍ଲେଖ ଥିବ ଯେ, ଉକ୍ତ ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ହୋଇଥିବା ଗ୍ରାମସଭାରେ ଶତକଡ଼ା ୫୦ ଭାଗ ସଭ୍ୟ ଉପସ୍ଥିତ ଥିଲେ ।

ଚ. ପ୍ରସ୍ତାବ ସଂପର୍କରେ ଗ୍ରାମସଭାର ଲିଖିତ ସମ୍ମତି ଅବା ଅସମ୍ମତି ପତ୍ର ।

ଛ. ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରମାଣୀକୃତ ପତ୍ର, ଯେଉଁଥିରେ ଉଲ୍ଲେଖ ଥିବ ଯେ, ଆଦିମ ଜନଜାତି ଓ ପ୍ରାକ୍-କୃଷିଜୀବିମାନଙ୍କ ଅଧିକାର, ଯାହାକି ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୩(୧)(ଙ)ରେ ବର୍ଣ୍ଣିତ ଅଛି, ତାହାକୁ ସୁରକ୍ଷିତ କରାଯାଇଛି ।

ଜ. ଅନ୍ୟକୌଣସି ବିଷୟବସ୍ତୁ ଯାହାକି ଜଙ୍ଗଲ ଅଧିକାର ଆଇନ୍‌କୁ କାର୍ଯ୍ୟକ୍ଷମ କରିବା ଦିଗରେ ବ୍ୟାଘାତ ସୃଷ୍ଟି କରୁନଥିବ ।

ଯେଉଁ ରାଜ୍ୟ ଅବା କେନ୍ଦ୍ରଶାସିତ ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଗତ ଅଧିକାର ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଅଛି, ସେପରିସ୍ଥଳେ, ଉକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପ୍ରମାଣୀକୃତ ପତ୍ର ଦେବା ଆବଶ୍ୟକ ଯେ, ପ୍ରସ୍ତାବକୁ ପୂର୍ଣ୍ଣାଙ୍ଗ ଅନୁମୋଦନ ମିଳିବା ପୂର୍ବରୁ

ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଗତରେ ପ୍ରଦତ୍ତ ଅଧିକାରର ପ୍ରକ୍ରିୟା ଆରମ୍ଭ ହୋଇ ଶେଷ ହୋଇଥିବ ।

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ମନ୍ତ୍ରୀଙ୍କ ଅନୁମୋଦନ ସହ ଉକ୍ତ ପତ୍ରଟି ଜାରି କରାଯାଇଛି ।

(ସି.ଡ଼ି. ସିଂ)
ସିନିୟର୍ ଆସିଷ୍ଟାଣ୍ଡ ଇନ୍ସ୍ପେକ୍ଟର୍ ଜେନେରାଲ୍ ଅଫ୍ ଫରେଷ୍ଟ

ଏକକିତା ନକଲ ପ୍ରେରଣ:

୧. ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ
୨. ସଚିବ, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ
୩. ପ୍ରଧାନ ପ୍ରମୁଖ ବନ ସଂରକ୍ଷକ, ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ
୪. ନୋଡ଼ାଲ୍ ଅଫିସର୍ (ଏଫ୍.ସି.ଏ), ମାର୍ଫତ୍ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଧାନ ପ୍ରମୁଖ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ
୫. ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ, ଯାହାକି ଭୋପାଳ, ସିଲଂ, ବେଙ୍ଗାଲୁର୍, ଭୁବନେଶ୍ୱର, ଲକ୍ଷ୍ନୌ ଏବଂ ଚଣ୍ଡିଗଡ଼ରେ ଅବସ୍ଥାପିତ
୬. ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ନୂଆଦିଲ୍ଲୀ
୭. ମନିଟରିଂ ସେଲ୍, ଏଫ୍‌ସି ଡ଼ିଭିଜନ୍, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ନୂଆଦିଲ୍ଲୀ, ଉକ୍ତ ନିର୍ଦ୍ଦେଶନାମାକୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବ୍ ସାଇଟ୍‌ରେ ସ୍ଥାନିତ କରିବା ନିମନ୍ତେ
୮. ଗାର୍ଡ଼ ଫାଇଲ୍

(ସି.ଡ଼ି. ସିଂ)
ସିନିୟର୍ ଆସିଷ୍ଟାଣ୍ଡ ଇନ୍ସ୍ପେକ୍ଟର୍ ଜେନେରାଲ୍ ଅଫ୍ ଫରେଷ୍ଟ

**ବି.ଦ୍ର.**
(ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ତା ୩୦.୭.୨୦୦୯ରେ ଜାରି କରାଯାଇଥିବା ପତ୍ର (ସଂଖ୍ୟା - ଏଫ୍.ନଂ. ୧୧-୯/୧୯୯୮-ଏଫ୍‌ସି (ପିଟି)ର ଓଡ଼ିଆ ଅନୁବାଦ ଅଟେ । ବୋଧଗମ୍ୟ ଦୃଷ୍ଟିରୁ କେତେକସ୍ଥଳେ ବାକ୍ୟକୁ ଛୋଟବଡ଼ କରାଯାଇଛି କିନ୍ତୁ ମୂଳପତ୍ରର ଭାବାର୍ଥକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସମସ୍ତ ଚେଷ୍ଟା କରାଯାଇଛି । ଉକ୍ତ ଅନୁବାଦଟି କେବଳ ବୁଝିବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ଆବଶ୍ୟକସ୍ଥଳେ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ମୂଳପତ୍ରକୁ ବ୍ୟବହାର କରିବା ଆବଶ୍ୟକ ।)